# ODM PUBLIC SCHOOL

**SESSION :02**
**CLASS :3**
**SUBJECT : ODIA**
**CHAPTER NUMBER: 05**
**CHAPTER NAME : କ୍ରିକେଟ ଖେଳ**
**SUBTOPIC :ଅନୁଚ୍ଛେଦ , କଠିନ ଶବ୍ଦ ଓ ଅଭ୍ୟାସ-୧**

CHANGING YOUR TOMORROW

## ଅଧ୍ୟୟନର ଉଦ୍ଦେଶ୍ୟ –

# ପିଲାମାନଙ୍କର ଶ୍ରବଣ ,କଥନ ଓ ପଠନ ଶୈଳୀ ର ଅଭିବୃଦ୍ଧି କରାଇବା  |



ODM EDUCATIONAL GROUP

# କ୍ରିକେଟ ଖେଳ






ODM EDUCATIONAL GROUP
Changing your Tomorrow

# କ୍ରିକେଟ୍ ଖେଳ

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ ! ଠେକୁଆ ତା' କଥାରେ ହଁ ଭରିଲା ।

ODM EDUCATIONAL GROUP



ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି


ODM EDUCATIONAL GROUP

ପଶୁପକ୍ଷୀଙ୍କୁ ମାଙ୍କଡ଼ ଖବର ଦେଲା । ପାଣିରେ ଥିବା ଜୀବ ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ କଙ୍କଡ଼ା ଖବର ଦେଲା ।

ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍ଟେନ୍, ଅନ୍ୟଦଳର କ୍ୟାପ୍ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଜନା ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ODM EDUCATIONAL GROUP

ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋର୍‌ସୋର୍‌ରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ



ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲ୍‌ରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା'ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

# କଠିନ ଶବ୍ଦ

ଅସହ୍ୟ -ସହି ନ ପାରିବା

କ୍ୟାପ୍‌ଟେନ୍ – ଅଧିନାୟକ

ପୁରସ୍କାର – ପାରିତୋଷିକ,ଦାନ

ଦର୍ପଣ – ଆରିସି,ମୁକୁର

ଦାୟିତ୍ୱ – ଭାର ,କର୍ତ୍ତବ୍ୟ

ସାହାଯ୍ୟ-ସହାୟତା

ପ୍ରତିଦିନ – ନିତିଦିନ,ପ୍ରତ୍ୟହ

ODM EDUCATIONAL GROUP
Changing your Tomorrow

# ଅଭ୍ୟାସ -୧ ପଠିତ ଗପରୁ କୁହ |

(କ) ଖେଳ ପୂର୍ବରୁ ବିଲୁଆ ଓ ଠେକୁଆ କାହିଁକି ସଭା ଡାକିଲେ ?

(ଖ) ସଭାରେ କେଉଁ ସବୁ କଥା ଆଲୋଚନା କଲେ ?

(ଗ) ଭାଲୁକୁ କେଉଁ ଦାୟିତ୍ୱ ଦିଆଗଲା ?

(ଘ) କେଉଁ ଦଳ ଖେଳ ଜିତିଲେ ?



ODM EDUCATIONAL GROUP

# ଅଭ୍ୟାସ -୧ ପଠିତ ଗପରୁ କୁହ |

(କ) ଖେଳ ପୂର୍ବରୁ ବିଲୁଆ ଓ ଠେକୁଆ କାହିଁକି ସଭା ଡାକିଲେ ?

ଉ-ଖେଳ କିପରି ସୁରୁଖୁରୁରେ ପରିଚାଳିତ ହୋଇପାରିବ ଏବଂ ଖେଳର ଆୟୋଜନ ବିଷୟରେ ଆଲୋଚନା କରିବା ପାଇଁ ବିଲୁଆ ଓ ଠେକୁଆ ଖେଳ ପୂର୍ବରୁ ସଭା ଡାକିଲେ |

(ଖ) ସଭାରେ କେଉଁ ସବୁ କଥା ଆଲୋଚନା କଲେ ?

ଉ –କିଏ କେଉଁ ଦଳର କ୍ୟାପଟେନ ହେବ ,କଣ ପୁରସ୍କାର ଦିଆଯିବ, କିଏ ପୁରସ୍କାର କିଣିବାର ଦାୟିତ୍ଵ ନେବ,କିଏ ଖାଦ୍ୟ ପାନୀୟ ଆୟୋଜନର ଦାୟିତ୍ଵ ନେବ,କିଏ ବ୍ୟାଟ ତିଆରି କରିବ ଓ କିଏ ବଲଆଣିବ,ଏହି ସବୁ ବିଷୟରେ ସଭାରେ ଆଲୋଚନା କଲେ |

(ଗ) ଭାଲୁକୁ କେଉଁ ଦାୟିତ୍ଵ ଦିଆଗଲା ?

ଉ –ଭାଲୁକୁ ଦର୍ପଣ ଓ ବିସ୍କୁଟ କିଣିବାର ଦାୟିତ୍ଵ ଦିଆଗଲା |

(ଘ) କେଉଁ ଦଳ ଖେଳ ଜିତିଲେ ?

ଉ –ଠେକୁଆ ଦଳ ଛଅ ୱିକେଟରେ ଖେଳ ଜିତିଲେ |

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

କେଉଁ ଦିନ ସରିଆସୁଥାଏ ?
ପର୍ବତ ପାଖ ପଡ଼ିଆରେ କିଏ କିଏ ବସିଥିଲେ ?
ସେମାନେ କେଉଁ ଖେଳ ବିଷୟରେ ଆଲୋଚନା କରୁଥିଲେ ?
ଖେଳ ପୂର୍ବରୁ କଣ ବସିବ ବୋଲି ଭାବିଲେ ?
ଗାତରେ ରହୁଥିବା ମୂଷା ଓ ସାପକୁ କିଏ ଖବର ଦେଲା ?
ପଥର ଖୋଲ ଭିତରେ କିଏ କିଏ ରହୁଥିଲେ ?
ମାଙ୍କଡ କାହାକୁ କାହାକୁ ଖବର ଦେଲା ?
ପାଣିରେ ଥିବା ଜୀବ ମାନଙ୍କୁ କିଏ ଖବର ଦେଲା ?
ବିଜୟୀ ଦଳକୁ କଣ ପୁରସ୍କାର ଦିଆଗଲା ?
କିଏ ବ୍ୟାଟ ତିଆରି କଲା ଓ ତାକୁ କିଏ ସାହାଯ୍ୟ କଲା ?
କିଏ ବଲ ଆଣିଲା ଓ କେଉଁ ଦଳ ପ୍ରଥମେ ବୋଲିଂ କଲେ ?
କେଉଁ ଦଳ କେତେ ୱିକେଟରେ ଖେଳ ଜିତିଲେ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## କଠିନ ଶବ୍ଦ ଗୁଡିକ ମନେରଖ |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



**THANKING YOU**

**ODM EDUCATIONAL GROUP**